● ହାଇ-ଲେଭଲ୍ ବ୍ରିଜ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

## ଡିସେମ୍ବର ୨୦୨୬ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ



କାଲିମେଲା,୪।୪(ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି କାଲିମେଲା ନିକଟସ୍ଥ କନ୍ୟାଶ୍ରମ ପାଖରେ ନିର୍ମାଣାଧୀନ ହାଇ-ଲେଭଲ୍ ବ୍ରିଜ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ଏପ୍ରିଲ୍-୨୦୨୬ ସୁଦ୍ଧା ଅତିକମରେ ଗୋଟିଏ ପାଇଲ୍ କାମ ଏବଂ ମେ ମାସ ସୁଦ୍ଧା ଗୋଟିଏ ପିୟର କ୍ୟାପ୍ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମ୍ପୂର୍ଣ୍ଣ ବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ଡିସେମ୍ବର-୨୦୨୬ ସୁଦ୍ଧା ଶେଷ କରିବା ପାଇଁ ସେ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ଡେଡଲାଇନ୍ ଦେଇଛନ୍ତି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବ୍ରିଜ୍ ନିର୍ମାଣ ଦ୍ୱାରା ଅଞ୍ଚଳବାସୀଙ୍କ ଯାତାୟାତ ସୁବିଧା ହେବା ସହ ଯୋଗାଯୋଗ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ମାଥିଲି,୪।୪(ସମିସ): ମାଲକାନଗିରି ଜିଲ୍ଲାର ଉପାନ୍ତ ମାଥିଲି ବ୍ଲକ ଦୁର୍ଗମ ଅଞ୍ଚଳ ଟେମୁରୁପାଲି ପଞ୍ଚାୟତ ଅନ୍ତର୍ଗତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଆଜି ଉନ୍ମୋଚିତ ହୋଇଛି। ଏହି ଉତ୍ସବରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପାଲ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ମାରୁ ଦୂରୁଆ, ସହକାରୀ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଓ ପି. ଜାନକୀ ରାଓ ଉପସ୍ଥିତି ରହିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଜୀବନୀ, ସମାଜ ସେବା ଓ ସର୍ବପରି ତାଙ୍କର ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ। ଶପଥ ପାଠ ପରେ ମିଷ୍ଟାର୍ଣ୍ଣ ବଣ୍ଟନ କରାଯାଇଥିଲା।

## 'ଓଡ଼ିଆ ନାମଫଳକ ଅଭିଯାନ' ସଚେତନତା ଶୋଭାଯାତ୍ରା



ନବରଙ୍ଗପୁର,୪।୪(ସମିସ): ସ୍ଥାନୀୟ ଡ଼ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରୁ ଓଡ଼ିଆ ପକ୍ଷ ପାଳନ ଅବସରରେ "ଓଡ଼ିଆ ନାମ ଫଳକ ଅଭିଯାନ' ର ଏକ ବିଶାଳ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ଏହି ଅଭିଯାନକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ,ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଘଷିଆ ହରିଜନଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଉପସ୍ଥିତ ଥିଲେ। ୧୪ ଦିନ ବ୍ୟାପି ଚାଲିବାକୁ ଥିବା ଏହି "ଓଡ଼ିଆ ପକ୍ଷ' ରେ ଆଜିର ନାମ ଫଳକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିଜ ନିଜର ନାମଫଳକ ବା ବ୍ରାଣ୍ଡିଂରେ ଓଡ଼ିଆ ଭାଷାକୁ ନିଶ୍ଚିତ ପ୍ରାଧାନ୍ୟ ଦେବେ। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଏହି ଅଭିଯାନକୁ ବ୍ୟାପକ କରାଯାଇଛି। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବେ ସର୍ବତ୍ର ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣ ଓ ବ୍ୟବସାୟୀ ସଂଘକୁ ନିବେଦନ କରାଯାଇଛି ଓ ସଚେତନ କରାଯାଉଛି। ଏହି ସଚେତନ ଶୋଭାଯାତ୍ରାରେ ଅଧିକାରୀ, ଉତ୍କଳ ସମ୍ମିଳନୀର କର୍ମକର୍ତା, ଟ୍ରେଡ ୟୁନିଅନ ର କର୍ମକର୍ତ୍ତା ଓ ସଦସ୍ୟ,ଚାମ୍ବର ଅଫ କମର୍ସର କର୍ମକର୍ତ୍ତା, ଶ୍ରମ ବିଭାଗର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

### ବାକିରେ ଡିଜେଲ ଦେବାକୁ ମନା କଲେ ପମ୍ପ ମାଲିକ

# ୬ ରୁଟ୍‌ରେ ଓଏସଆରଟିସିର ବସ୍ ଚଳାଚଳ ବନ୍ଦ





ଜୟପୁର,୪।୪(ସମିସ): ରାଜ୍ୟ ସରକାରଙ୍କ ଅଧିନରେ ରହିଥିବା ଓଡିଶା ରାଜ୍ୟ ରାସ୍ତା ପରିହବନ ନିଗମ(ଓଏସ୍ଆର୍‌ଟିସି)ର ବର୍ତ୍ତମାନ ବିକଳ ରୂପ ଦେଖିବାକୁ ମିଳୁଛି। କୋରାପୁଟ ଜିଲ୍ଲା ଜୟପୁରଠାରେ ଓଏସଆରଟିସିରେ ଦକ୍ଷିଣ ଓଡିଶାର ଏକ ପ୍ରମୁଖ ଡିପୋ ରହିଛି। ଏଠାରୁ ରାଜ୍ୟ ଏବଂ ପୋଡଶୀ ରାଜ୍ୟକୁ ବହୁ ସଂଖ୍ୟାରେ ଯାତ୍ରୀବାହୀ ବସ ଚଳାଚଳ କରୁଛି। ଅଧିକାଂଶ ରୁଟରେ ଚଳାଚଳ କରୁଥିବା ବସ ଗୁଡିକ ଲାଭ ପ୍ରଦାନ କରିଛନ୍ତି। କିନ୍ତୁ ବର୍ତ୍ତମାନ ଉଧାରରେ ପେଟ୍ରୋଲ ପମ୍ପ ମାଲିକ ତେଲ ଦେବାକୁ ମନା କରିଦେଇଥିବା ଯୋଗୁଁ ଲାଭଦାୟକ ୬ଟି ରୁଟର ବସ ଚଳାଚଳକୁ ବନ୍ଦ କରାଯାଇଛି। ଏହି ରୁଟରେ ବସ ଚଳାଚଳକୁ ସ୍ଥଗିତ ରଖାଯାଇଥିବା ଯୋଗୁଁ ଜୟପୁର ଡିପୋକୁ ଦୈନିକ ୭୨ ହଜାର ଟଙ୍କା କ୍ଷତି ସହିବାକୁ ପଡୁଛି। ଏପରି ଲାଭଦାୟକ ରୁଟରେ ବସ ଯାତ୍ରାକୁ ବନ୍ଦ କରାଯାଇଥିବା ଯୋଗୁଁ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଗତ ରାଜ୍ୟ ସରକାରଙ୍କ ସମୟରେ ରାଜ୍ୟରେ ଓଏସଆରଟିସି ପୁନଃଉଦ୍ଧାର କରାଯାଇ ଲାଭଦାୟକ ସଂସ୍ଥା ଭାବେ ଗଢିଥିବା ବେଳେ ବର୍ତ୍ତମାନ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏହି ସଂସ୍ଥା ପୁଣି ପୂର୍ବଅବସ୍ଥାକୁ ଫେରିଯିବ ବୋଲି ଯାତ୍ରୀ ଓ ସାଧାରଣଜନତାଙ୍କ ମଧ୍ୟ ମତ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ସାରା ବିଶ୍ୱରେ ଜାଲେଣି ତେଲ ଓ ଗ୍ୟାସର ସଙ୍କଟ ଦେଖାଦେଇଥିଛି। ତେଣୁ ପର୍ଯ୍ୟାପ୍ତ ପରିମାଣରେ ଡିଜେଲ ଓ ପେଟ୍ରୋଲ ଯୋଗାଣରେ ସାମାନ୍ୟ ବଧା ସୃଷ୍ଟି ହୋଇଛି। ଓଏସଆରଟିସି ସହିତ ବିଭିନ୍ନ ତେଲ କମ୍ପାନୀ ସହିତ ଏକ ବୁଝାମଣା ହୋଇଛି ଯେ, ଉକ୍ତ ପେଟ୍ରୋଲିୟମ କମ୍ପାନୀ ପକ୍ଷରୁ ରହିଥିବା ବିଭିନ୍ନ ପେଟ୍ରୋଲ ଓ ଡିଜେଲ ପମ୍ପରେ ଉଧାରରେ ବସରେ ଡିଜେଲ ଗାଡିରେ ନେବା ପରେ ମାସିକ ବିଲ ପ୍ରସ୍ତୁତ କରାଯାଇ ଉକ୍ତ ପେଟ୍ରୋଲ ପମ୍ପକୁ ଟଙ୍କା ପ୍ରଦାନ କରାଯାଉଥିଲା। କିନ୍ତୁ ସାରା ବିଶ୍ୱରେ ଜାଲେଣି ତେଲ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ଅଗ୍ରିମ ଟଙ୍କା ପୈଠ କରାଗଲେ କମ୍ପାନୀର ଡିପୋ ଗୁଡିକରୁ ପମ୍ପକୁ ଡିଜେଲ ଓ ପେଟ୍ରୋଲ ଆସୁଥିବା ବେଳେ ଏହା ପୁଣି ବିଳମ୍ବ ହେଉଛି। ତେଣୁ ବର୍ତ୍ତମାନ ଏହି ସଙ୍କଟ ସମୟରେ ପମ୍ପ ମାଲିକମାନେ ମଧ ଉଧାରରେ ତେଲ ଦେଇ ଦୀର୍ଘ ଏକ ମାସ ଅପେକ୍ଷା କରିବା ପରିସ୍ଥିତିରେ ନଥିବା ଯୋଗୁଁ ଉଧାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ତେଣୁ ଜୟପୁର ଠାରୁ ପାର୍ବତୀପୁର ଯାହା ଗୋଟିଏ ଥର ଯାତାୟାତ ହେଲେ ୨ ହଜାର ଟଙ୍କା ଲାଭ ଦେଉଛି, ଜୟପୁର-ସୋରଡା .ଯାହା ୧୦ ହଜାର ଟଙ୍କା , ଜୟପୁର କଟକ ଭାୟା ରାୟଗଡା ଯାହା ୧୫ହଜାର, ଜୟପୁର କଟକ ଭାୟା ଶ୍ରୀକାକୁଲମ ଯାହା ୨୦ ହଜାର , ଜୟପୁର-କମଳାଡିହ ଯାହା ୧୦ ହଜାର ଏବଂ ଜୟପୁର- ଫୁଲବାଣି ଯାହା ୧୫ ହଜାର ଲାଭ ଦେଉଥିବା ରୁଟକୁ ସମ୍ପୁର୍ଣ୍ଣ ଭାବେ ବନ୍ଦ କରାଯାଉଛି। କିନ୍ତୁ ସ୍ଥାନୀୟ ପରିଚାଳକ ଉକ୍ତ ଲାଭଦାୟକ ଟଙ୍କାରୁ ଡିଜେଲ ଉକ୍ତ ଲାଭଦାୟକ ରୁଟରେ ଯାତାୟାତ କରୁଥିବା ବସକୁ ପ୍ରଦାନ କରିବା ସହିତ ଚଳାଚଳ ପାଇଁ କୌଣସି ପଦକ୍ଷପ ଗ୍ରହଣ କରୁନଥିବା ନେଇ ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଏହି ଡିପୋ ଅଧିନରେ ୬ଟି ରୁଟରେ ବସ ଚଳାଚଳ ବନ୍ଦ କରାଯାଇଥିବା ବେଳେ ଆଗାମୀ ଦିନରେ ପୁଣି ଅଧିକ ରୁଟରେ ବସ ଚଳାଚଳ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି। ଫଳରେ ଯାତ୍ରୀ ମାନେ ହନ୍ତସନ୍ତ ହେଉଥିବା ବେଳେ ଏହାର ପରୋକ୍ଷରେ ଘୋରଇ ବସ ଗୁଡିକ ଲାଭବାନ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଓଏସଆଟିସି ଜୟପୁର ଡିଟିଏମ ଆଲୋଶ୍ରୀ ସାହୁଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ଉଠାଇନଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

● ଚିନ୍ତା ବଢ଼ାଉଛି ମନ୍ତ୍ରୀଆମ ଘାଟି

## ଦୁଇ ଦିନରେ ୪ ଟ୍ରକ୍ ଦୁର୍ଘଟଣା

ବୈପାରିଗୁଡା,୪।୪(ସମିସ): ବୈପାରିଗୁଡା ଥାନା ଅନ୍ତର୍ଗତ ମନ୍ତ୍ରୀଆମ ଘାଟିରେ ଦୁଇ ଦିନ ମଧ୍ୟରେ ଚାରୋଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗୁରୁବାର ଦିନ ରାତି ୧୧ଟା ବେଳେ ଏକ ଲୁହା ବୋଝେଇ (ଟିଏନ ୫୨କିୟୁ୦୩୯୧) ନମ୍ବର ବିଶିଷ୍ଟ ଲୁହା ଝୋଡ ବୋଝେଇ ଟ୍ରକ ଜୟପୁର ଆଡୁ ତେଲେଙ୍ଗାନା ରାଜ୍ୟକୁ ଯାଉଥିବା ବେଳେ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳପାଖନା ଘାଟିରେ ଭାରସାମ୍ୟ ହରାଇ ସୁରକ୍ଷା ପାଚେରୀ ଉପରେ ଚଢ଼ି ଯାଇ ଓଲଟି ପଡ଼ିଥିଲା। ଖବରପାଇ ବୈପାରିଗୁଡା ପୁଲିସ ଏଏସଆଇ କେ.କେ. ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଉଠାଇ ଠିଆ କରାଯାଇଥିଲା। ଗତକାଲି ଅପରାହ୍ନରେ ଠିଆ ହୋଇଥିବା ଟ୍ରକକୁ ଆନ୍ଧ୍ର ପ୍ରଦେଶକୁ ଯାଉଥିବା ଏକ ଗାଇ ଦାନା ବୋଝେଇ ଟ୍ରକ ପଛପଟୁ ଧକ୍କା ଦେଇ ଓଲଟି ପଡ଼ିଥିଲା। କିଛି ଘଣ୍ଟାର ବ୍ୟବଧାନ ପରେ ପୁଣି ଏକ ଆନ୍ଧ୍ରପ୍ରଦେଶକୁ କୁଣ୍ଡା ବୋଝେଇ ଟ୍ରକ ଓଲଟି ପଡ଼ିଥିବା ଦାନା ବୋଝେଇ ଟ୍ରକକୁ ଧକ୍କା ଦେଇ ଓଲଟି ପଡ଼ିଛି। କ୍ରମାଗତ ଭାବେ ତିନୋଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଗତକାଲି ରାତିରେ ଆନ୍ଧ୍ର ପ୍ରଦେଶକୁ ଯାଉଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତାର ୩୦ ଫୁଟ୍ ଗାତ ତଳକୁ ଖସି ପଡ଼ିଛି। ଚାରୋଟି ଦୁର୍ଘଟଣାରେ ଲୁହା ବୋଝେଇ ଟ୍ରକର ହେଲପର ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ କାହାର କିଛି କ୍ଷତି ହୋଇନଥିବା ଜଣାପଡିଛି। ବୈପାରିଗୁଡା ପୁଲିସ ସିରିଏଲ୍ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

## ୪୪ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

କୋରାପୁଟ/ପୋଡ଼ାଗଡ଼,୪।୪(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଚୋରା ମଦ ଓ ଗଞ୍ଜେଇ କାରବାର ରୋକିବାକୁ ବିଭାଗ ଚଢ଼ଉ ଜାରି ରଖିଥିବା ବେଳେ ଶନିବାର ଅପରାହ୍ନରେ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ଅବକାରୀ କର୍ମଚାରୀ ଦଶମନ୍ତପୁର ଥାନା କୁନ୍ଦୁଗୁଡ଼ା ଗ୍ରାମରେ ଚଢ଼ଉ କରି ୪୪ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଘଟଣାରେ ସୀମା ହିକକା ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ସଦର ଇନ୍ସପେକ୍ଟର ଶ୍ରୀ ସାହୁ ସୂଚନା ଦେଇଛନ୍ତି। କୁନ୍ଦୁଗୁଡ଼ା ଗ୍ରାମର ସୀମା ହିକକା ଚୋରା ଗଞ୍ଜେଇ କାରବାର କରୁଥିବା ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିବା ପରେ ସଦର ଇନ୍ସପେକ୍ଟର ଶ୍ରୀ ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ଅବକାରୀ ଥାନା ଓଆଇସି କୁଶ ଜାଲ, କନଷ୍ଟେବଲ ସ୍ମୃତିକାନ୍ତ ବିଶ୍ୱାଳ, ଉଷାବତୀ ଭତ୍ରା, ମେଘନାଦ ଶବର ପ୍ରମୁଖଙ୍କୁ ନେଇ ଗଠିତ ଟିମ ଶନିବାର ଅପରାହ୍ନରେ ସୀମା ହିକକା ଘରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ତା ଘରୁ ୪ଟି ଜରି ଅଖାରେ ରଖାଯାଇଥିବା ୪୪ କିଲୋ ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତ ବିରୁଦ୍ଧରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

## ଓଡ଼ିଆ ପକ୍ଷରେ ସାହିତ୍ୟ ପ୍ରତିଯୋଗିତା

କୋରାପୁଟ,୪।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଜୋନ୍ ସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଓ ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହେଇଛି। ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାୟ ୪୦ଟି ମହାବିଦ୍ୟାଳୟର ୯୦ଜଣ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଥିଲେ। ଏହି କ୍ରମରେ ଓଡ଼ିଆ ଗଳ୍ପ ଲିଖନ, କବିତା ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଳ୍ପିକ ରମେଶ ସାହୁ, କବି ରବି ଶତପଥୀ ଓ ଅନୁବାଦକ ବିଜୟ କୁମାର ପ୍ରଧାନ ଯଥାକ୍ରମେ ଗଳ୍ପ, କବିତା ଓ ପ୍ରବନ୍ଧ ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ମହେନ୍ଦ୍ର କୁମାର ଭୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ତଥା ସମାଲୋଚକ ନାରାୟଣ ପଣ୍ଡା ଯୋଗ ଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ। କାର୍ଯ୍ୟକ୍ରମ ସଂପାଦକ ଡ. ଲୋପାମୁଦ୍ରା ସ୍ୱାଇଁ ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଡ. ପ୍ରୀତିଧାରା ସାମଲ। ଅଧ୍ୟାପକ ଜ୍ୟୋତିରାଜ ମହାପାତ୍ର ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଡ. ଲହରୀ ବେହେରା, ଜାହ୍ନବୀ ଦୋରା, ଅସ୍ୱିଆ ବାନୋ, ଶୁଭମ କୁମାର ସାହୁ, ଅନୁଧା ସାହୁ, ପ୍ରଶାନ୍ତ ସାନ୍ତରା, ଡ଼.ସ୍ନିଗ୍ଧା ବେହେରା ପ୍ରମୁଖ। ଗଳ୍ପ, କବିତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




## ପୁରୁଣା ଥାନା ଭିତରେ କନେଷ୍ଟବଲଙ୍କ ଆତ୍ମହତ୍ୟା

ନବରଙ୍ଗପୁର,୪।୪(ସମିସ): ଅବ୍ୟବହାର ବା ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଉମରକୋଟ ପୁରୁଣା ଥାନା ଭିତରେ ଜଣେ କନେଷ୍ଟବଲ ଆତ୍ମହତ୍ୟା କରିଛନ୍ତି। ଉମରକୋଟ ଥାନା ନିକଟରେ ରହିଥିବା ଏହି ପୁରୁଣା ଥାନାରେ ଆତ୍ମହତ୍ୟା କରିଥିବା କନେଷ୍ଟବଲ ଜଣକ ହେଲେ ୩୫ ବର୍ଷୀୟ ଅକ୍ଷୟ କୁମାର ନାୟକ। ଆତ୍ମହତ୍ୟାର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନି। ମୃତ ଅକ୍ଷୟଙ୍କ ଘର ନବରଙ୍ଗପୁର ଥାନା ପାଖନାଗୁଡା ଗ୍ରାମରେ। ତାଙ୍କ ବାପାଙ୍କ ନାଁ ସୁନୁ ନାୟକ। ସେ ୨୦୧୩ ମସିହା ରେ ଚାକିରି ପାଇଥିଲେ। ଗତ ଦୁଇବର୍ଷ ହେଲା ଅକ୍ଷୟ ଉମରକାଟ ଥାନା ଆଉଟପୋଷ୍ଟରେ କନେଷ୍ଟବଲ ଭାବେ କାମ କରିଆସୁଥିଲେ। ପରିତ୍ୟକ୍ତ ପୁରୁଣା ଥାନାରେ ବେକରେ ରଶି ଲଗାଇ ସେ ଆତ୍ମହତ୍ୟା କରିଥିବା ଥାନାର କେତେକ କର୍ମଚାରୀ ଦେଖି ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅକ୍ଷୟଙ୍କ ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟମାନେ ମେଡିକାଲରେ ପହଞ୍ଚିଥିଲେ। ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। କନଷ୍ଟେବଲ ଆତ୍ମହତ୍ୟା ନେଇ ଉମରକୋଟ ଥାନାରେ କେସ ନମ୍ବର ୧୯/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ଜୟପୁର ପୌରପାଳିକାରେ ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ଦାବି



ଜୟପୁର,୪।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ରାଜ୍ୟର ଏକ ପୁରାତନ କାର୍ଯ୍ୟାଳୟ ହୋଇଥିବା ବେଳେ ଗତ ପ୍ରାୟ ୧୦ ବର୍ଷ ହେଲାଣି ଏଠାରେ ପ୍ରାୟ ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତ ହେଉନଥିବା ଯୋଗୁଁ ସହର ବିକାଶ ଓ ଉନ୍ନତୀମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେଣୁ ତୁରନ୍ତ ଜଣେ ସ୍ଥାୟୀ ପୌରନିର୍ବାହୀ ଅଧିକାରୀ ନିଯୁକ୍ତ ସ୍ଥାନୀୟ କିଛି ଯୁବ ଗୋଷ୍ଠୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଜଣେ ଦକ୍ଷ ପ୍ରଶାସନ ଅଧିକାରୀଙ୍କୁ ନିଯୁକ୍ତି ଦାବି କରାଯାଇଛି। ଜୟପୁର ପୌର ଅଧିକାରୀ ଭାବେ ଦୀର୍ଘ ବର୍ଷ ହେଲାଣି ବିଭିନ୍ନ ସମୟରେ ଉପଜିଲ୍ଲାପାଳଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିବା ଯୋଗୁଁ ଉଭୟ କାର୍ଯ୍ୟରେ ଠିକ ଭାବେ ତଦାରଖ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଜୟପୁର ଉପଖଣ୍ଡ ଏବଂ ପୌରସଂସ୍ଥା ଉଭୟ ରାଜ୍ୟର ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ଯୋଗୁଁ ଉଭୟ କାର୍ଯ୍ୟାଳୟରେ ମୁଖ୍ୟମାନଙ୍କୁ ପୃଥକ ପୃଥକ ଭାବେ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଯୁବଗୋଷ୍ଠୀପକ୍ଷରୁ ଗୌରୀ ଚରଣ ଦେବଶର୍ମା, ଦେବରାଜ ସାହୁ, ପି.ରମେଶ, ରାମଚନ୍ଦ୍ର ଜାନୀ, ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏନ୍‌ବିଡବ୍ଲ୍ୟୁରେ ୧୧ ଗିରଫ

ଜୟପୁର,୪।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ବିଭିନ୍ନ ଅପରାଧିକ ମାମଲାରେ ସାମିଲ ରହି ଫେରାର କିମ୍ବା କୋର୍ଟର ବାରମ୍ବାର ନୋଟିସ ପରେ ମଧ ଉପସ୍ଥିତ ରହୁ ନଥିବା ୧୧ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୁଦ୍ଧ ବିଭିନ୍ନ ଦଫାରେ ପୂର୍ବରୁ ସ୍ଥାନୀୟ ମହିଳା ଓ ସଦରଥାନାରେ ମାମଲା ରହିଛି। ଅଭିଯୁକ୍ତମାନେ ହେଲେ ସଦରଥାନା ରଣ୍ଡାପାଲ୍ଲୀ ଗ୍ରାମର ଧନୁର୍ଜ୍ୟୟ ଖାତି(୩୩), କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର (୪୯), ସାଇଡିମାଳ ଗ୍ରାମର ଶିବ ମୁଦୁଲି ଓରଫ ପରଜା (୨୫), ସାନକାଉଡି ଗ୍ରାମର ଗୋପୀନାଥ ହାଲୱା (୩୫), ପିଣ୍ଟୁ ବାହାଦୁର ( ୩୨), ସାନଜିଉନା ଗ୍ରାମର ଲଛମନ ନାୟକ, କୁମାର ନାୟକ ଓରଫ ହରିଜନ, ଗେଟଗୁଡା ଗ୍ରାମର ରାଜୁ ମୁଦୁଲି, ପୁରୁଷୋତ୍ତମ ମୁଦୁଲୀ, ଚଡେଇଗୁଡା ଗ୍ରାମର କୈଳାସ ଖୋସ୍ଲା ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ବଦଳିବ ପୁରୁଣା ସଞ୍ଜୟ ବଜାର ଓ ଆମିଷ ବଜାର ରୂପ





ନବରଙ୍ଗପୁର,୪।୪(ସମିସ): ନବରଙ୍ଗପୁର ପୌର ପାଳିକା ଅନ୍ତର୍ଗତ ୧୧ ନମ୍ବର୍ ୱାର୍ଡ ପରିସରରେ ଅବସ୍ଥିତ ସହରର ବହୁ ପୁରୁଣା ଦୈନିକ ସଞ୍ଜୟ ବଜାର ଏବଂ ପାଶ୍ୱର୍ରେ ଥିବା ଆମିଷ ବଜାରର ହେବ ନବକଳେବର। ଶୀତଳ ଭଣ୍ଡାର ରହି ନୂତନ ରୂପରେ ନିର୍ମାଣ ହେବ ଆମିଷ ବଜାର। ଏକ ନୂତନ ଓ ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମାଣ ହେବ ସହରର ସର୍ବ ପୁରାତନ ଦୈନିକ ସଞ୍ଜୟ ପରିବା ବଜାର ଏବଂ ପରିବା ବଜାର ପାଶ୍ୱର୍ରେ ରହିଥିବା ପୁରୁଣା ଆମିଷ ବା ମାଛ ବଜାରର ମଧ ଏକ ନୂତନ ଢାଞ୍ଚା ରେ ନିର୍ମାଣ ହେବ। ଏହାର ପରିସରରେ ଏକ ଶୀତଳ ଭଣ୍ଡାର ମଧ ରହିବ ବୋଲି ସୂଚନା ଦେଇଛନ୍ତି ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ। ଆମିଷ ବା ମାଛ ବଜାର ଏବଂ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ରାଜ୍ୟ ସରକାର ଙ୍କ ନିକଟକୁ ନବରଙ୍ଗପୁର ମତ୍ସ୍ୟ ବିଭାଗ ପକ୍ଷରୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ ଦିଆ ଯାଇଛି ଓ ଏଥିପାଇଁ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର ହେବା ନେଇ ସବୁଜ ସଙ୍କେତ ମଧ ମିଳିଛି। ଏହା ବ୍ୟତୀତ ପୁରୁଣା ସଂଜୟ ଦୈନିକ ବଜାରରେ ଥିବା ପନିପରିବା, ସଉଦା ମାର୍କେଟ୍ ଗତ କିଛି ବର୍ଷ ପୂର୍ବେ ନୂତନ ଏଲଆଇସି କାର୍ଯ୍ୟାଳୟ ନିକଟସ୍ଥ କୃଷକ ବଜାରକୁ ସ୍ଥାନାନ୍ତର ହୋଇଛି। କିନ୍ତୁ ଆମିଷ ବଜାର ସ୍ଥାନାନ୍ତରେ ହୋଇ ନଥିଲା। ଯାହା ଫଳରେ ଆମିଷ ବଜାରର କିଛି ଦୋକାନୀ ଏବେ ସହରର ବିଭିନ୍ନ ଛକ , ସାହି ଛକ, ରାସ୍ତା ପାଶ୍ୱର୍ରେ ଦୋକାନ କରି ଆମିଷ ବିକ୍ରି କରୁଛନ୍ତି। ତେଣୁ ସମସ୍ତ ଆମିଷ ବ୍ୟବସାୟୀଙ୍କୁ ଗୋଟିଏ ଛାତ ତଳେ ରଖି ବିକ୍ରି କରିବାକୁ ସୁଯୋଗ ଦେବାକୁ ପୌରପାଳିକା ଯୋଜନା ପୌର ପରିଷଦ ପକ୍ଷରୁ ହୋଇଥିଲା। ଏହି ବିଷୟ ପୌର ପରିଷଦ ବୈଠକରେ ଅନୁମୋଦନ କରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ବିଭାଗ ନିକଟକୁ ନବରଙ୍ଗପୁର ପୌର ପରିଷଦ ପକ୍ଷରୁ ୧୦ କୋଟି ଟଙ୍କାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ବିଭାଗକୁ ପ୍ରସ୍ତାବ ପଠାଯାଇଥିଲା ରାଜ୍ୟ ସରକାର ଏହି ପ୍ରସ୍ତାବକୁ ୧୦ କୋଟି ଟଙ୍କା ମଞ୍ଜୁର କରିବା ନେଇ ଏକ ପ୍ରକାର ସବୁଜ ସଙ୍କେତ ମିଳିଛି ଏବଂ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ମଧ ଆରମ୍ଭ ହେବ। ୩ ମହଲାର ପୁରୁଣା ଦୈନିକ ସଞ୍ଜୟ ବଜାର ନିର୍ମାଣ ହେବ। ତଳେ ଗ୍ରାହକଙ୍କ ବିଭିନ୍ନ ଗାଡ଼ି ପାର୍କିଂ ସହ ଉପର ପ୍ରଥମ ଏବଂ ଦ୍ୱିତୀୟ ମହଲାରେ ବଡ ବଡ ଆକାରର ବ୍ୟବସାୟୀକ ଷ୍ଟଲ ନିର୍ମାଣ କରାଯିବା ସହିତ ଶୀତତାପ ନିୟନ୍ତ୍ରୀତ ବ୍ୟବସ୍ଥା ସହ ଏକଜିଟ୍ ଫ୍ୟାନ୍, ପାର୍କିଂ, ଷ୍ଟୋରେଜ ବ୍ୟବସ୍ଥା ଓ ବର୍ଜବସ୍ତୁ ପରିଚାଳନାକୁ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି ପୌରପାଳିକା ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣ। ନବରଙ୍ଗପୁର ପୁରୁଣା ଦୈନିକ ସଞ୍ଜୟ ପରିବା ବଜାର ଏବଂ ଆମିଷ ବଜାର ଓ ମାଛ ବଜାରର ଅତ୍ୟାଧୁନିକ ଢାଞ୍ଚାରେ ନବକଳେବର ହେବା ନେଇ ନବରଙ୍ଗପୁର ପୌର ପରିଷଦର ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ ଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଙ୍କୁ ଧନ୍ୟବାଦ ଜଣାଇବା ସହିତ ବର୍ତ୍ତମାନ ସହରବାସୀଙ୍କ ସମେତ ବ୍ୟବସାୟୀଙ୍କ ମହଲରେ ଏକ ପ୍ରକାର ଖୁସିର ଲହରୀ ଖେଳି ଯିବାର ଦେଖିବାକୁ ମିଳିଛି।

## ଦେଶୀ ମଦ ଜବତ; ଜଣେ ଗିରଫ

ତେନ୍ତୁଳିଖୁଣ୍ଟି,୪।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ଥାନା ଅର୍ନ୍ତଗତ ବାଗନାଗୁଡ଼ା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଦେଶୀ ମଦ ଜବତ ହୋଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଅବକାରୀ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଙ୍କ ନେତୃତ୍ୱରେ ଚଢ଼ଉ କରି, ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଲକ୍ଷ୍ମୀ କାନ୍ତ ବିଷୋୟୀ ନିକଟରୁ କୋଡିଏ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଥିବା ସୂଚନା ଦେଇଛନ୍ତି ଅବକାରୀ ନିରୀକ୍ଷକ ଶ୍ରୀ ରଥ। ଅଭିଯୁକ୍ତ ଙ୍କୁ ଅଦାଲତ ରେ ହାଜର କରାଯାଇଥିବା ଜଣାପଡିଛି। ଏହି ଚଢ଼ଉରେ ରଞ୍ଜୀ ଯାନୀ, ସଦାଶିବ ଭତରା ଓ ଆକ୍ରମ ଖାନ ସହଯୋଗ କରିଥିଲେ।

# ଓଡ଼ିଆ ନାମ ଫଳକ ଲେଖା ଅଭିଯାନର ଶୁଭାରମ୍ଭ



ମାଲକାନଗିରି, ୪।୪(ସମିସ): ଜିଲ୍ଲାରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ଏକ ସଚେତନତା ଶୋଭାଯାତ୍ରା ଓ ଓଡ଼ିଆ ନାମ ଫଳକ ଲେଖା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଜିଲ୍ଲାପାଳ କହିଛନ୍ତି ସରକାରୀ ନିୟମ ଅନୁଯାୟୀ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବା ବାଧ୍ୟତାମୂଳକ। ମାଲକାନଗିରିବାସୀ ଏହି ଅଭିଯାନରେ ସହଯୋଗ କରି ନିଜ ନିଜ ଦୋକାନ ଓ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ଲଗାଇବାକୁ ଜିଲ୍ଲପାଳ ଆହ୍ୱାନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା। ଏଥିରେ ସହାୟକ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ ଓ ବିଭାଗୀୟ କର୍ମଚାରୀ ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା, ରିଙ୍କୁ ରଞ୍ଜନ ଅଧିକାରୀ ଓ ସୋନାଲି ରାୟ ସହଯୋଗ କରିଥିଲେ। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମ ଫଳକ ଲଗାଇବା ପାଇଁ ଏହି ଅଭିଯାନ ମାଧ୍ୟମରେ ସଚେତନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାଣିଜ୍ୟ ସଂଘର ସଦସ୍ୟ ଗଣେଶ ସାହା, ସତ୍ୟ ନାରାୟଣ କଲେଜର ଛାତ୍ରଛାତ୍ରୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

# ରାୟଗଡ଼ାରେ ସଚେତନତା ପଦଯାତ୍ରା

ରାୟଗଡା,୪।୪(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ୧ ଏପ୍ରିଲ ୨୦୨୬ ଠାରୁ ୧୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ରାୟଗଡ଼ଙ୍କ ମିଳିତ ସହଯୋଗରେ ଆଜି ସକାଳ ୮ଟା ସମୟରେ ରାୟଗଡ଼ ସହରରେ ଅବସ୍ଥିତ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ ନିମନ୍ତେ ଏକ ସଚେତନତା ପଦଯାତ୍ରା ଅଭିଯାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ରାୟଗଡ଼ା ସହର ବିଭିନ୍ନ ସ୍ଥାନ ପରିକ୍ରମା କରି ଶ୍ରମ କାର୍ଯ୍ୟାଳୟ ପାଖରେ ଶେଷ ହୋଇଛି। ଅତିରକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ସେଞ୍ଚୁରିୟନ କଲେଜ, ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରି, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁବାସ ଚନ୍ଦ୍ର ମଣ୍ଡଳ, ଜିଲ୍ଲା ଶ୍ରମ ଅଧିକାରୀ, ସମସ୍ତ ସହକାରୀ ଶ୍ରମ ଅଧିକାରୀଗଣ ଓ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିଚୁଆଁ ଓ ମନୋରଞ୍ଜନ ବାଘ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ମାନବାଧିକାର କର୍ମୀ, ଶକ୍ତି ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।



## ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନକୁ ନେଇ ବିବାଦ

# ବିଡିଓଙ୍କୁ ଫେରାଦ ହେଲେ ଜନପ୍ରତିନିଧି

ଗୁଣୁପୁର,୪।୪(ସମିସ): ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଗଠଲପଦର ପଞ୍ଚାୟତର ଗାନୁବୁଲେଙ୍କା ଗ୍ରାମର ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନକୁ ନେଇ ରାଜନୈତିକ ମହଲରେ ବିବାଦ ଆରମ୍ଭ ହୋଇଛି। ପ୍ରଶାସନର ବିନା ଅନୁମତିରେ କୋଠା ଉଦ୍‌ଘାଟନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗୁଣୁପୁର ପୌରପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଏହି କୋଠାର ଉଦ୍‌ଘାଟନ କିଛିଦିନ ପୂର୍ବରୁ କରିଥିଲେ। ଏଥିରେ ପ୍ରଶାସନର ସହମତି ନଥିଲା ବୋଲି ଜଣାପଡିଛି। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ନିର୍ବାଚିତ ପ୍ରତିନିଧିମାନେ ଥିବା ସତ୍ତ୍ୱେ ପୌରଅଞ୍ଚଳର ଜଣେ ନିର୍ବାଚିତ ପ୍ରତିନିଧି ରିବନ କାଟି ଉଦ୍‌ଘାଟନ କରିବା ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରତି ଅପମାନ ବୋଲି ଗୁଣୁପୁର ବ୍ଲକ୍ ବିଡିଓ ସ୍ୱସ୍ତିକ ଜମାଦାରଙ୍କୁ ଅଭିଯୋଗ କରିବା ସହ ଏହିଭଳି ଘଟଣାକୁ ନୀନ୍ଦନୀୟ ବୋଲି କୁହାଯାଇଛି। ଏହି ଅଭିଯୋଗ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଶ୍ୱିନି ଗମାଙ୍ଗ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବାଲି ଗମାଙ୍ଗ, ଜିଲ୍ଲା ବିଜେଡି ସମ୍ପାଦକ ଦାରାସିଂ ଶବର, ଗାଦିଆଖାଲା ପୂର୍ବତନ ସରପଞ୍ଚ କେ. ଶମେଶ୍ୱର ରାଓଙ୍କ ସମେତ ପୂର୍ବତନ ସରପଞ୍ଚ ଓ କିଛି ସମିତସଭ୍ୟ ଭେଟି ଆପତ୍ତି ଅଭିଯୋଗ ଉଠାଇଥିଲେ। ବିଡିଓ ଓ ପଞ୍ଚାୟତ ନିର୍ବାହି ଅଧିକାରୀ ଏହି ସବୁ ବିଷୟର କିଛି ଜାଣିନଥିବା କହିଥିଲେ। ପରବର୍ତୀ ସମୟରେ ଏହିଭଳି ଘଟଣା ଯେଉଁଭଳି ପୁନରାବୃତ୍ତି ନହେବ ସେଥି ପ୍ରତି ଦୃଷ୍ଟି ଦେବେ ବୋଲି ବିଡିଓ କହିଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ପଞ୍ଚାୟତ ଅଧିକାରୀଙ୍କୁ କୌଣସି କୋଠା ଉଦ୍‌ଘାଟନ ହେଲେ ଜଣାଇବା ପାଇଁ ନିର୍ଦ୍ଦେଶ ଜାରି କରାଯିବ ବୋଲି କହିଛନ୍ତି।



## ଚୋରି ମାମଲାରେ ଜଣେ ଗିରଫ

ରାୟଗଡ଼ା,୪।୪(ସମିସ): ଏକ ଚୋରି ମାମଲାରେ ଜଣେ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି ଚାନ୍ଦିଲି ଥାନା ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ରାୟଗଡ ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଦେବଦଳା ଗ୍ରାମର କିସାନ ହିବୋକା (୨୦)। ସୂଚନାନୁଯାୟୀ, ଗତ ମାର୍ଚ୍ଚ ୨୪ ତାରିଖରେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ମାଝୀଗୁଡ଼ା ଗ୍ରାମର କେ. ପାର୍ବତୀ (୫୨) ତାଙ୍କ ଝିଅ ଘରକୁ ଯିବାକୁ ସମ୍ପର୍କୀୟ ଭଣଜା ପାଲି ଗାନ୍ଧୀଙ୍କ ସହିତ ରାୟଗଡା ରେଳ ଷ୍ଟେସନ ଅଭିମୁଖେ ଯାଉଥିଲେ। ସତ୍ୟମ କାର୍ଟନ୍ ଫ୍ୟାକ୍ଟ୍ରି ନିକଟରେ (ଜେକେପୁର ଏବଂ ରାୟଗଡା ମଧ୍ୟରେ) ଅଭିଯୁକ୍ତ ପାର୍ବତୀଙ୍କ ମଙ୍ଗଳସୂତ୍ରକୁ ପଛରୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ଫଳରେ ସେ ମୋଟରସାଇକେଲରୁ ଖସି ପଡ଼ି ଆହତ ହୋଇଥିଲେ। ଏନେଇ ପାର୍ବତୀଙ୍କ ସ୍ୱାମୀ କେ. ପ୍ରସାଦ ରାଓ (୫୭) ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ କିଶନ ହୋବିକାଙ୍କୁ ପୁଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଚାନ୍ଦିଲି ଥାନା ଆଇଆଇସି ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି।

## ଲିବର୍ଟି ଇଂରାଜୀ ବିଦ୍ୟାଳୟରେ ନିଆରା ପ୍ରବେଶ ଉତ୍ସବ



ନନ୍ଦପୁର,୪।୪(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ସଦର ମହକୁମାରେ ରହିଥିବା ଲିବର୍ଟି ଇଂରେଜୀ ବିଦ୍ୟାଳୟରେ ନିଆରା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂରେଜୀ ବିଦ୍ୟାଳୟରେ ଓଡ଼ିଆ ସଂସ୍କୃତି ସହ ନିଆରା ପ୍ରବେଶ ଉତ୍ସବ ସମସ୍ତଙ୍କୁ ଆନନ୍ଦିତ କରିଛି। ଚଳିତ ମାସ ତିନି ତାରିଖ ଠାରୁ ବିଦ୍ୟାଳୟସ୍ତରୀୟ ନୂତନ ଛାତ୍ର ଛାତ୍ରୀ ଙ୍କ ନାମ ଖଡ଼ି ଛୁଆଁ ସହ ବିଦ୍ୟାଳୟ ପ୍ରବେଶ ଉତ୍ସବ ଆରମ୍ଭ ହୋଇଛି। ନନ୍ଦପୁର ସ୍ଥିତି ଲିବୋର୍ଟି ଇଂରେଜୀ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବରେ ଓଡିଆ ସଂସ୍କୃତିର ଚିତ୍ର ଦେଖିବାକୁ ମିଳିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଯୋଗଦେଇ କାର୍ଯ୍ୟକ୍ରମରେ କୁନି କୁନି ପିଲା ଙ୍କ ସହ କିଛି ସମୟ ରହିବା ସହ ଉତ୍ସବ ଆୟୋଜନ ନେଇ ଉଚ୍ଚ ପ୍ରଶଂସା କରିଥିଲେ। ଇଂରେଜୀ ବିଦ୍ୟାଳୟ ହୋଇଥିଲେ ବି ପିଲାମାନଙ୍କୁ ଓଡ଼ିଆ ସଂସ୍କୃତିରେ ସାଜ ସଜ୍ଜା କରି ପ୍ରବେଶ ଉତ୍ସବ ପାଳନକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ବିଡ଼ିଓ ଶ୍ରୀ ଦୋରା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷା ଉର୍ମିଳା କୁଲଦୀପ ଆୟୋଜନ କରିଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ଜ୍ୟୋତି ପ୍ରକାଶ ଆବ୍ରାହିମ୍, ଅନୁପମା ତାଣ୍ଡି, ନମିତା ଖିଲ, ସ୍ମୃତି ରାଣୀ ମହାନ୍ତି, ଏଲିଯା ଘୋଷ ,ସାବିତ୍ରୀ ପଣ୍ଡା, ଡକ୍ସି ଡଲି କୁମାର, ସ୍ୱାଗତିକା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରବେଶ ଉତ୍ସବରେ ପିଲା ଙ୍କୁ ଚନ୍ଦନ ତିଳକ ଲଗାଇବା ସଙ୍ଗୀତ ଗାନକରି ସ୍ୱାଗତ ସହ ନୃତ୍ୟ ପରିବେଶ କରାଯାଇଥିଲା।

# ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ







କୋରାପୁଟ,୪।୪(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜାନ ପଡ଼ିଆଗୁଡା ବିଦ୍ୟାଳୟରେ ଉପସ୍ଥିତ ରହି ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନୂତନ ଶିକ୍ଷାବର୍ଷରେ ପ୍ରଥମେ ବିଦ୍ୟାଳୟକୁ ଆସୁଥିବା ଶିଶୁମାନଙ୍କୁ ଖଡ଼ି ଧରାଇ ତାଙ୍କ ଶିକ୍ଷା ଯାତ୍ରାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ନିୟମିତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିବା ସହ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକର୍ଷିତ କରିବା ଓ ତାଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ଗୁରୁତ୍ୱ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଅନ୍ୟ ପଟେ କୋରାପୁଟ ବିଧାୟକ ରଘୁରାମ ମାଛ ବଡ଼ ଚିନ୍ଦ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ନୂତନ ଭାବେ ନାମ ଲେଖାଇଥିବା ଶିଶୁମାନଙ୍କୁ ସ୍ୱାଗତ କରି ପୁସ୍ତକ, ବ୍ୟାଗ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ବିତରଣ କରିଥିଲେ। ଏହା ସହ ଅଭିଭାବକମାନଙ୍କୁ ସନ୍ତାନମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବାକୁ ଆହ୍ୱାନ ଦେଇ ଥିଲେ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳ ଓ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟ ଠାରେ ଶୁଭାରମ୍ଭ ହୋଇଛି। ବ୍ଲକ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସମ୍ମାନୀୟ ଅତିଥି ଭାବେ ଉପାଧ୍ୟକ୍ଷା ବି.ସୁନିତା, ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷା ମମତା ଝଡିଆ ଏବଂ ସ୍ଥାନୀୟ କାଉନସିଲର ଗାୟତ୍ରୀ ଖରା ମଞ୍ଚାସିନ ରହିଥିଲେ। ଏହି ଅବସରରେ ଅତିଥି ମାନେ ସମସ୍ତ ପାଠ ପଢିବାର ଅଧିକାର ରହିଛି ଏବଂ ସରକାରଙ୍କ ପକ୍ଷରୁ ମାଗଣା ବ୍ୟବସ୍ଥା କରାଯାଇଛି। ତେଣୁ ଅଭିଭାବକମାନେ ସେମାନଙ୍କ ଛୁଆ ମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ସହିତ ନିୟମିତ ପାଠ ପଢିବାକୁ ବିଦ୍ୟାଳୟରେ ଆଣି ଛାଡିବାକୁ ଭାଷଣ ମାଧ୍ୟମରେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ସହର ଏବଂ ବ୍ଲକ ଅଞ୍ଚଳରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସଚେତନ ନେଇ ପରିକ୍ରମା ରଥର ମୁଖ୍ୟଅତିଥି ଶ୍ରୀ ମହାନ୍ତି ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବିଭିନ୍ନ ଗ୍ରାମ ଓ ସହରରେ ବୁଲି ଛୁଆମାନଙ୍କୁ ପ୍ରଥମ ଶ୍ରେଣୀ ପାଠ ପଢାଇବା ପାଇଁ ବିଦ୍ୟାଳୟରେ ନାମଲେଖା ଏବଂ ଅନ୍ୟାନ୍ୟ ଶ୍ରେଣୀର ଛାତ୍ରୀଛାତ୍ରୀ ମାନେ ନିୟମିତ ବିଦ୍ୟାଳୟ ଯାଇ ପାଠ ପଢିବାକୁ ସଚେତନ କରିବ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ସହକାରୀ ବ୍ଲକ ଶିକ୍ଷାଧିକାରୀ କେ. ଗୋପାଳ ରାଓ, ବ୍ଲକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାଶ, ସିଆରସିସି ସାଗର ତ୍ରିପାଠୀ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୌଦାମିନି ସାହୁ ଏବଂ ଏହି ରଥ ପରିକ୍ରମ ଦାୟୀତ୍ୱରେ ରହିଥିବା ବରିଷ୍ଠ ଶିକ୍ଷକ ଜଗନ୍ନାଥ ମିଶ୍ର ଉପସ୍ଥିତ ରହିଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନାରାୟଣପଟଣା:** ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ଶନିବାର କୋରାପୁଟ ଜିଲ୍ଲା ନାରାୟଣପଟଣା ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ବସଷ୍ଟାଣ୍ଡ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହ ବିଭିନ୍ନ ସ୍କୁଲରେ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପୂଜକ ନୀତିକାନ୍ତିରେ ପୂଜାର୍ଚ୍ଚନା କରିବା ପରେ ଅଧ୍ୟକ୍ଷ ଶିଶୁମାନଙ୍କ ଖଡିଛୁଆଁ ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନାରାୟଣପାଟଣା ବ୍ଲକ ଏବିଇଓ ଇଶ୍ୱର ଚନ୍ଦ୍ର ମୁଦୁଲି, ସରପଞ୍ଚ ରେବତୀ କୁନ୍ଦାରୀୟା, ବିଜେପି ସଭାପତି କାଶୀନାଥ ହିକକାଙ୍କ ସହ ସିଆରସିସି, ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ସାମିଲ ହୋଇଥିଲେ। ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଶୁଭାରମ୍ଭ କରିଥିଲେ।

**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିନରେ ଶନିବାର ଦିନ ସକାଳେ ବିଦ୍ୟାଳୟରେ ପ୍ରବେଶିକା ଓ ଖଡ଼ି ଛୁଆଁ ଦିବସ ମହା ଆଡ଼ମ୍ବର ସହିତ ପାଳନ କରାଯାଇ ଥିଲା। ଏହି ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ରୀତା ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, ସମ୍ମାନୀତ ଅତିଥି ଉପାଦକ୍ଷା ଆରତି କୁଲଦୀପ, କୋରାପୁଟ ଜିଲ୍ଲା ଶିକ୍ଷକ ସଙ୍ଘର ଉପସଭାପତି ବୈଜୟନ୍ତି ମାଳା ଖୋସ୍ଲା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁତି ଭୂଷଣ ଟାକ୍ରି, ମଦନ ମୋହନ ମୁଦୁଲି ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ନାୟକ, ଲକ୍ଷ୍ମୀପୁର ପଞ୍ଚାୟତ ର ସରପଞ୍ଚ ଶ୍ୟାମସୁନ୍ଦର ତାଡିଙ୍ଗ,ବିଆରପି କୃଷ୍ଣ କୁଲଦୀପ, ସିଆରସିସି ମାନେ ଯୋଗ ଦେଇ ଥିଲେ। ଅତିଥି ମାନଙ୍କୁ ଶିକ୍ଷୟିତ୍ରୀ କୁମୁଦିନୀ ଗରଡା ଓ ଜି ଧନଲକ୍ଷ୍ମୀ ଅତିଥି ମାନଙ୍କୁ ଫୁଲତୋଡା ଓ ଉତ୍ତରୀ ଦେଇ ସ୍ୱାଗତ କରିଥିଲେ। ଏହା ପରେ ପିଲାମାନଙ୍କୁ ପଟା ଖଡ଼ି ଦେଇ ଶିକ୍ଷାର ଶୁଭାରମ୍ଭ କରି ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ ପାଇଁ କାମନା କରାଯାଇଥିଲା। ଏକ ସଚେତନ ରଥର ମଧ୍ୟ ଶୁଭାରମ୍ଭ ହୋଇଥିଲା। ବରିଷ୍ଠ ସାମ୍ବାଦିକ ପରମେଶ୍ୱର ସାହୁଙ୍କୁ ମଧ୍ୟ ଅତିଥି ଭାବେ ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାଜ୍ୟ ଶିକ୍ଷକ ସଙ୍ଘ ର ସଧାରଣ ସମ୍ପାଦକ ସୁରେନ୍ଦ୍ର କୁଲଦୀପ।

**ସେମିଳିଗୁଡା:** "ପ୍ରବେଶ ଉତ୍ସବ' ଓ "ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଜିଲ୍ଲାର ସେମିଳିଗୁଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ଗରିମାମୟ ଭାବରେ ପାଳିତ ହୋଇଛି। ସେମିଳିଗୁଡା ବ୍ଲକ ଚାରଙ୍ଗୁଲ ଗ୍ରାମପଞ୍ଚାୟତର ହଞ୍ଜାରାଗୁଡ଼ା ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ, ସେମିଳିଗୁଡାଙ୍କ ଆନୁକୁଲ୍ୟରେ ଆୟୋଜିତ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରାମ ଚନ୍ଦ୍ର କାଡାମ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ନିୟମିତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରି ବିଧାୟକ କାଡାମ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକର୍ଷିତ କରିବା ଓ ତାଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ଗୁରୁତ୍ୱ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଶିକ୍ଷା ହେଉଛି ସମାଜ ଉନ୍ନତିର ମୂଳଭିତ୍ତି, ଏହାକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ କରିଥଲେ। ନୂତନ ଶିକ୍ଷାବର୍ଷରେ ପ୍ରଥମେ ବିଦ୍ୟାଳୟକୁ ଆସୁଥିବା ଶିଶୁମାନଙ୍କୁ ଖଡ଼ି ଧରାଇ ତାଙ୍କ ଶିକ୍ଷା ଯାତ୍ରାର ଶୁଭ ଆରମ୍ଭ କରାଇଥିଲେ। ନୂତନ ଭାବେ ଭର୍ତ୍ତି ହେଉଥିବା ଶିଶୁମାନଙ୍କୁ ସ୍ୱାଗତ କରି ପୁସ୍ତକ, ବ୍ୟାଗ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ବିତରଣ କରିଥିଲେ। ସେମିଳିଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦ ପଟ୍ଟନାୟକ ଅଧ୍ୟକ୍ଷତାରେ ସେମିଳିଗୁଡା ତହସିଲଦାର ଦେବବ୍ରତ,ଏବିଇଓ ପ୍ରିୟମ୍ବଦା ପାତ୍ର ପ୍ରମୁଖ ୧୭ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ 'ପ୍ରବେଶ ଉତ୍ସବ' ଓ "ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ନବରଙ୍ଗପୁର:** ନବରଙ୍ଗପୁର ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଏକ୍ସ ବୋର୍ଡ ଠାରେ ସମଗ୍ର ଶିକ୍ଷା, ନବରଙ୍ଗପୁର ତରଫରୁ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ମହା ସମାରୋହରେ ପାଳନ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ ଯୋଗଦେଇ ସ୍ଥାନୀୟ ବିଦ୍ୟାଳୟରେ ନାମ ଲେଖାଇଥିବା ୧୦ ଜଣ କୁନି କୁନି ଶିଶୁମାନଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରାଇଥିଲେ। ଜିଲ୍ଲା ର ଶିଶୁମାନେ ବିଦ୍ୟାଳୟ ଓ ଶିକ୍ଷା ପ୍ରତି ଆଗ୍ରହ ରହିଲେ ଏହି ଜିଲ୍ଲାର ନାମ ଉଜ୍ଜ୍ୱଳ ରହିବ ଏବଂ ସେଥିପାଇଁ ଶିକ୍ଷାବିଭାଗର ବିଶେଷ ଗୁରୁତ୍ୱ ଭୂମିକା ରହିଛି ବୋଲି ମୁଖ୍ୟଅତିଥି କହିଥିଲେ। ଏହାପରେ କାର୍ଯ୍ୟକ୍ରମ ସ୍ଥଳରେ ପ୍ରସ୍ତୁତ ହୋଇଥିବା ଖେଳ ଘର, ରଙ୍ଗ ପସରା,ଗପରାଇଜ ଓ ଶିକ୍ଷଣ ସାମଗ୍ରୀଷ୍ଟଲ କୁ ମୁଖ୍ୟ ଅତିଥି ପରିଦର୍ଶନ କରିଥିଲେ। ୧୦ ଟି ଶିକ୍ଷା ସଚେତନ ରଥକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ନବରଙ୍ଗପୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ମଞ୍ଚାସୀନ ହୋଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାପାଳ ଜିଲ୍ଲାର ପ୍ରତ୍ୟେକ ପିତାମାତା ନିଜର ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ କରାଇ ଶିକ୍ଷାର ଶୁଭାରମ୍ଭ ଓ ମହାନୀୟତା କୁ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ କୁମାର ମହାଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ,ସୁପ୍ରିୟା ନାୟକ,ବିଭିନ୍ନ ବ୍ଲକ୍‌ର ମଣ୍ଡଳ ଶିକ୍ଷାଧିକାରୀ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର କର୍ମଚାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ତେନ୍ତୁଲିଖୁଣ୍ଟି:** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ କହେଁଇମୁଣ୍ଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୮ ଜଣ କୁନିକୁନି ପିଲା ଏହି ବିଦ୍ୟାଳୟରେ ଆୟୋଜିତ ପ୍ରବେଶ ଉତ୍ସବରେ ଖଡ଼ି ଛୁଇଁ ଥିଲେ। ଏହି ଅବସରରେ ଅତିଥି ଭାବରେ ତେନ୍ତୁଲିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ତେନ୍ତୁଲିଖୁଣ୍ଟି ଗୋଷ୍ଠି ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବିଧାୟକ ପ୍ରତିନିଧି ହରେକୃଷ୍ଣ ମୁଦୁଲି, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କୁଳରଞ୍ଜନ ସୁନା, ପ୍ରଫୁଲ୍ଲ ପଟନାୟକ, ସିଆରସିସି ସର୍ବେଶ୍ୱର ପତି, ସରପଞ୍ଚ କୃଷ୍ଣ ସୌରା ପ୍ରମୁଖ ଉପସ୍ଥିତ ରହି କୁନି କୁନି ପିଲାଙ୍କୁ ଉତ୍ସାହିତ କରିଥିଲେ। ପିଲାଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ପରେ ପ୍ରବେଶ କରିଥିବା ପ୍ରତ୍ୟକ ଛାତ୍ରଛାତ୍ରୀ ଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା। କୁନି କୁନି ପିଲାଙ୍କୁ ଉତ୍ସାହିତ କରିବା ପାଇଁ ତିନୋଟି ଷ୍ଟଲ ଯଥା ଖେଳ ଦୁନିଆ, ଗପ ରାଇଜ, ରଙ୍ଗ ପସରା ପ୍ରସ୍ତୁତ ହୋଇଥିଲା। ଶେଷରେ ସଚେତନ ଉଦେଶରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଭ୍ରମଣ ପାଇଁ ଶିକ୍ଷା ରଥର ଶୁଭ ଉଦଘାଟନ ହୋଇଥିଲା।









